# ୨୦୨୩ ବିଶ୍ୱ ନାଟ୍ୟ ଦିବସର ବିଶ୍ୱ ବାର୍ତ୍ତା

ସାରା ବିଶ୍ୱର ମୋ ପ୍ରିୟ ନାଟ୍ୟ ବନ୍ଧୁଗଣ,

ମୁଁ ଏହି ବିଶ୍ୱ ବାର୍ତ୍ତା ଆପଣମାନଙ୍କ ପାଇଁ ବିଶ୍ୱ ନାଟ୍ୟ ଦିବସ ଅବସରରେ ଲେଖୁଚି ; ଆପଣମାନଙ୍କ ସହ କଥା ହେଉଛି ବୋଲି ମୁଁ ଖୁସିରେ ଆତ୍ମ ବିଭୋର ହେଉଛି, ଅଥଚ ମୋ ଦେହର ପ୍ରତିଟି ତନ୍ତୁ ଆମେ ଭୋଗୁଥିବା ଯନ୍ତ୍ରଣାର ଗଭୀରତାରେ ଥରି ଯାଉଛି – ନାଟକ ହେଉ ଅଥବା ନାଟକ ବାହାର କଳାକାର – ଆଜିର ପୃଥିବୀରେ ଯାହା ଚାଲୁଛି, ସେଥିରେ ଘଂଟି ହେଉଥିବା ଚାପ ଓ ମିଶ୍ର ଅନୁଭବ ସେ ଭୋଗୁଛି । ଅସ୍ଥିରତା ହେଉଛି ଏହାର ଫଳ ଯେଉଁ ଭିତର ଦେଇ, ଆମ ପୃଥିବୀ ଗତି କରୁଛି , ଯେପରିକି ଦ୍ୱନ୍ଦ , ଯୁଦ୍ଧ , ପ୍ରାକୃତିକ ବିପର୍ଯ୍ୟୟ ଯାହା ଧ୍ୱଂସମୁଖୀ ପରିଣାମରେ କେବଳ ବସ୍ତୁବାଦୀ ସଂସାର ନୁହେଁ ବରଂ ଆମର ଆଧ୍ୟାତ୍ମିକ ଦୁନିଆଁ ଓ ମାନସିକ ଶାନ୍ତିକୁ ବି ପ୍ରଭାବିତ କରୁଛି ।

ମୁଁ ଆଜି ଆପଣ ମାନଙ୍କ ସହ କଥା ହେଉଛି , ଯେତେବେଳେ ମୁଁ ଅନୁଭବ କରୁଛି ଯେ - ସାରା ପୃଥିବୀ ଯେପରି ଛିନ୍ନ ବିଚ୍ଛିନ୍ନ ଦ୍ୱୀପ ହେଇଯାଇଛି କିମ୍ୱା ଯେମିତି ଅନେକ ଜାହାଜ କୁହୁଡ଼ି ଘେରା ଦିଗ୍‌ବଳୟରେ ରାସ୍ତା ଖୋଜି ବୁଲୁଛନ୍ତି; ପ୍ରତ୍ୟେକଟି ନିଜ ପାଲକୁ ଖୋଲିଦେଇଛନ୍ତି ଆଉ ପଥ ନିର୍ଦ୍ଦେଶ ବିନା ଅଗେଇ ଚାଲିଛନ୍ତି ; ଦିଗ୍‌ବଳୟରେ କିଛି ଦିଗ ଦେଖାନଯାଇ , ଏସବୁ ସତ୍ୱେ । ସବୁ ସେମାନଙ୍କ ଯାତ୍ରା ଜାରି ରଖିଚନ୍ତି, ଏହି ଆଶାରେ ଯେ ଦିନେ ଅଶାନ୍ତ ସମୁଦ୍ରର ଭିତରେ ପଥଭ୍ରଷ୍ଟ ହୋଇ ବିଚରଣ ପରେ ଏକ ନିରାପଦ କୂଳରେ ପହଂଚିବେ ଓ ସ୍ଥାନଟିଏ ପାଇବେ ।

ଆମ ବିଶ୍ୱରେ କେବେ ପରସ୍ପରକୁ ଏତେ ନିକଟତର ପାଇନଥିଲେ ଯାହା ଆଜି ହୋଇଛି, କିନ୍ତୁ ସେଇ ସମୟରେ ଆଜି ଆମେ ପରସ୍ପର ଠାରୁ ଅନେକ ଅସଙ୍ଗତ ଓ ଦୂରେଇ ଯାଇଛନ୍ତି ବି । ଏଇ ଯେଉଁ ନାଟକୀୟ ଦ୍ୱନ୍ଦ ଯାହାକୁ ଆଜିର ଦୁନିଆଁ ଆମ ଉପରେ ଲଦି ଦେଉଛି । ଭୁଗୋଳର ସୀମା ସରହଦ ଡେଇଁ ଆଧୁନିକ ଯୋଗାଯୋଗ ପ୍ରକ୍ରିୟାରେ ପ୍ରସାରିତ ଖବର ସମୂହ ସହ ବିରୋଧାଭାଷ ଓ ଭାରାକ୍ରାନ୍ତ ମନକୁ ଏକତ୍ରକରି ଆମେ ଦେଖୁଥିଲେ ବି, ଯୁକ୍ତିଯୁକ୍ତ ଚିନ୍ତାଧାରାର ସୀମା ଲଂଘନ ଏ ସଂସାର ଦେଖୁଚି ଏବଂ ଏହି ଦିଶୁଥିବା ଏକତା ଭିତରେ କୌଣସି ଏକ ବିଚ୍ଛେଦମୁଖୀ ମୂଳବାଦ ଆମକୁ ପ୍ରକୃତ ମାନବିକ ଗୁଣର ସହଜ ପରିପ୍ରକାଶ ଠାରୁ ଦୂରେଇ ନେଉଛି ।

ନାଟକର ସହଜାତ ପ୍ରବୃତି ହେଉଛି ପ୍ରକୃତ ମାନବିକ ଗୁଣ ଉପରେ ଆଧାରିତ ମାନବିକ ଆଚରଣ, ଯାହା ହିଁ ଜୀବନ । ବିଖ୍ୟାତ ପଥପ୍ରଦର୍ଶକ କନଷ୍ଟାଂଟିନ୍ ଷ୍ଟାନିସ୍‌ଲାଭ୍‌ସ୍କିଙ୍କ ଭାଷାରେ , “କାଦୁଅ-ଲଗା ପାଦରେ ନାଟକର ପ୍ରେକ୍ଷାଗୃହକୁ କେବେବି ଆସ ନାହିଁ । ଧୂଳି ମଇଳାକୁ ବାହାରେ ଛାଡ଼ିଦେଇ ଆସ । ବାହାରର ବେଶଭୂଷାରେ ଛୋଟ ଛୋଟ ଅଶାନ୍ତି , କଳହ , ତୁଚ୍ଛ କଷ୍ଟ ସବୁକୁ ଦୁଆର ପାଖେ ରଖିଦେଇ ଆସ - ଯାହା ତୁମ ଜୀବନକୁ ଖୀନ୍‌ଭୀନ୍ କରିଦିଏ ଓ ଏ ସବୁ ତୁମର ଦୃଷ୍ଟି ଆକର୍ଷଣ କରି ତୁମକୁ ତୁମର କଳା ଠାରୁ ଦୂରେଇ ରଖେ ।” ଯେତେବେଳେ ଆମେ ମଂଚରେ ଚଢୁ , ଆମ ଭିତରେ ଗୋଟିଏ ମାତ୍ର ଜୀବନ ଗୋଟିଏ ମଣିଷ ହୋଇ ଚଢୁ । କିନ୍ତୁ ଏଇ ଜୀବନ ଭାଙ୍ଗିଯିବାର ଦକ୍ଷତା ବହନ କରେ ଓ ଅନେକ ଜୀବନରେ ପରିବର୍ତ୍ତନ ହେଇପାରେ ଯାହାକୁ ଆମେ ଏ ଦୁନିଆରେ ପ୍ରସାର କରୁ ଯେଉଁଥିପାଇଁ ଏହା ଜୀବନଧାରାକୁ ଚାଲିଆସେ , ବଢ଼ିଚାଲେ ଓ ଏହାର ସୁଗନ୍ଧ ବ୍ୟାପିଯାଏ ।

ଆମେ ନାଟ୍ୟକାର, ନିର୍ଦ୍ଦେଶକ , ଅଭିନେତା, ମଂଚ ରଚୟିତା, କବି, ସଂଗୀତଜ୍ଞ , ନୃତ୍ୟ ସଂଯୋଜକ ଏବଂ ବୈଷୟୀକ ସହାୟକମାନେ ଏ ନାଟ୍ୟ ସଂସାରରେ ଯାହା କରୁ, ସମସ୍ତେ ଗୋଟିଏ ଏମିତି ଜୀବନକୁ ତିଆରି କରୁ ଯାହା ଆମ ମଂଚ ପ୍ରବେଶ ଆଗରୁ କେବେ ନଥିଲା । ଏଇ ଜୀବନକୁ ଧରି ରଖିବାକୁ ଯତ୍ନଶୀଳ ହାତ ଦରକାର ହୁଏ , ଗୋଟିଏ ସ୍ନେହପୁର୍ଣ୍ଣ ଛାତି ଯାହା ତାକୁ ଜାବୁଡ଼ି ଧରିବ, ଏକ ଦୟାବାନ ହୃଦୟ ଯିଏ ତାକୁ

ସହାନୁଭୂତି ପ୍ରକାଶ କରିବ ଏବଂ ଏକ ଶାନ୍ତ ମନ ଯିଏ ତାକୁ ତାର ଜୀବନକୁ ନେଇ ବଂଚିବାର କାରଣ ବୁଝାଇପାରିବ ।

ମୁଁ ଅତିରଂଜିତ କରି କହୁ ନାହିଁ ଯେ ଆମେ ମଂଚରେ ଜୀବନର ଉଚିତ ଢଙ୍ଗର ଆଚରଣ କରୁ ଓ ଏହାକୁ ଏକ ଶୂନ୍ୟତାରୁ ତିଆରି କରୁ , ଯେମିତି ଅନ୍ଧାରରେ ନିଆଁ ଝୁଲଟିଏ ଚିକ୍ ଚିକ୍ କରେ , ରାତ୍ରୀର ଅନ୍ଧକାରକୁ ଆଲୋକିତ କରେ ଓ ଥଣ୍ଡା ପାଗକୁ ଗରମ କରିଦିଏ । ଆମେ ହିଁ ସିଏ ଯିଏ ଜୀବନରେ ସୁନ୍ଦରତା ଆଣିଦେଉ । ଆମେ ହିଁ ସିଏ ଯିଏ ଏହାକୁ ବାସ୍ତବ ରୂପ ଦେଉ । ଆମେ ହିଁ ସିଏ ଯିଏ ଜୀବନରେ ଆଣିଦେଉ ଓ ଏହାକୁ ଅର୍ଥପୂର୍ଣ୍ଣ କରୁ । ଆମେ ହିଁ ସିଏ ଯିଏ  ସମସ୍ତ କଥା ବୁଝିବାର ତର୍କ ଦେଇଥାଉ । ଆମେ ହିଁ ସିଏ ଯିଏ କଳାର ଆଲୋକ ନେଇ ଅଜ୍ଞତାର ଅନ୍ଧକାର  ଚରମପନ୍ଥୀ ଚିନ୍ତାକୁ ସାମନା କରୁ । ଆମେ ହିଁ ସିଏ ଯିଏ ଜୀବନର ଧର୍ମକୁ କୋଳେଇନେଉ , ଯେଉଁଥିପାଇଁ ପୃଥିବୀରେ ଜୀବନ ବିସ୍ତାରିତ ହେବ । ଆମେ ଉଦ୍ୟମ, ସମୟ , ଦେହର ଝାଳ, ଲୁହ , ରକ୍ତ , ସ୍ନାୟୁ ପ୍ରୟୋଗ କରୁ , ଏଇଥିପାଇଁ ଯେ - ଆମକୁ ଉନ୍ନତ ସମ୍ବାଦ ଯାହା ସତ୍ୟର, ସଦ୍‌ଗୁଣର, ସୌନ୍ଦର୍ଯ୍ୟର ମୂଲ୍ୟବୋଧ ଥାଇ ପାଇବାକୁ ହେବ ଏବଂ ସତରେ ବିଶ୍ୱାସ କରିବାକୁ ହେବ ଯେ - ଜୀବନକୁ ବଂଚିବାକୁ ହୁଏ ।

ମୁଁ ଆଜି ଆପଣମାନଙ୍କ ସହ କଥା ହେଉଛି , କେବଳ କଥା ହେବାକୁ ନୁହେଁ କିମ୍ବା ସବୁ କଳାର ବାପ ଭାବେ ନାଟକକୁ ତାଙ୍କ ଦିବସର ଉତ୍ସବ ପାଳନ ପାଇଁ ନୁହେଁ । ବରଂ ମୁଁ ନିମନ୍ତ୍ରଣ କରୁଛି ସମସ୍ତେ ସାଙ୍ଗ ହେଇ ଠିଆ ହେବା , ଆମେ ସମସ୍ତେ , ହାତରେ ହାତ ମିଶାଇ, କାନ୍ଧରେ କାନ୍ଧ ଲଗାଇ , ଚିତ୍କାର କରି କହିବାକୁ , କାରଣ ଆମ ମଂଚରେ ଆମେ ଠିଆ ହେବାର ଅଭ୍ୟାସ ଅଛି ଏବଂ ଏ ସାରା ସଂସାରର ବିବେକକୁ ଚେତେଇ ଦେବାକୁ ଓ ହଜିଯାଇଥିବା ମାନବିକତାକୁ ଆପଣ ମାନେ ନିଜ ଭିତରେ ଖୋଜିବାକୁ ଶବ୍ଦ ସବୁ ଆମ ଭିତରୁ ବାହାରି ଆସୁ । ସ୍ୱାଧୀନ, ସହନଶୀଳ, ସ୍ନେହପୂର୍ଣ୍ଣ , ସହାନୁଭୂତି ସମ୍ପୂର୍ଣ୍ଣ , ଭଦ୍ର , ମାନବିକତାର ସ୍ୱାଗତ ଲାଗି ଶବ୍ଦ ସବୁ ଆମ ଭିତରୁ ବାହାରି ଆସୁ । ଆପଣମାନେ ହିଂସା ଦେଖାଣିଆ ରୂପ, ରଙ୍ଗଭେଦ , ରକ୍ତାକ୍ତ ସଂଘର୍ଷ, ଏକମୁଖୀ ଚିନ୍ତନ ଓ ଚରମପନ୍ଥା ପ୍ରତ୍ୟାଖ୍ୟାନ କରନ୍ତୁ । ମଣିଷମାନେ ଏଇ ପୃଥିବୀ ଉପରେ ଏଇ ଆକାଶ ତଳେ, ହଜାର ହଜାର ବର୍ଷ ଧରି ଚଳପ୍ରଚଳ ହେଉଛନ୍ତି ଓ ହେବେ ବି । ତେଣୁ ତୁମେ ତୁମ ପାଦ ଯୁଦ୍ଧର ନର୍ଦ୍ଦମା ଓ ରକ୍ତାକ୍ତ ଦ୍ୱନ୍ଦରୁ ଉଠେଇ ଆଣ ଏବଂ ମଂଚ ବାହାରେ ଛାଡ଼ିଦେଇ ଆସ । ତେବେ ହୁଏତ ମାନବିକତା , ଯାହା ସନ୍ଦେହର ମେଘରେ ଘୋଡ଼େଇ ହେଇ ରହିଛି , ପୁଣି ଥରେ ଆମକୁ ଆମେ ମଣିଷ ବୋଲି କହି ଗର୍ବ କରିବାକୁ ଓ ଆମେ ମାନେ ଭାଇ ଓ ଭଉଣୀ ଭାବିବାକୁ ସକ୍ଷମ କରିଦେବ ।

ଏହାହିଁ ଆମର ଲକ୍ଷ୍ୟ ଯେ ନାଟ୍ୟକାର ହୋଇ ଚେତନାର ମଶାଲ ଧରି , ପ୍ରଥମ ଚରିତ୍ରର ପ୍ରଥମ ପ୍ରବେଶ ପ୍ରଥମ ମଂଚରେ ହେବା ଠାରୁ କଦର୍ଯ୍ୟ , ହିଂସା ପୂର୍ଣ୍ଣ , ଅମାନବିକ ମୁହୂର୍ତ୍ତକୁ ସାମନା କରିବା ।  ଆମେ ସୁନ୍ଦରତା , ପବିତ୍ର ଓ ମାନବିକତା ମାଧ୍ୟମରେ ଲଢ଼ିବା । ଆମ ଛଡ଼ା ଆଉ କେହି ନାହିଁ ଯାହାର ଜୀବନକୁ ବିସ୍ତାର କରିବାକୁ କ୍ଷମତା ଅଛି । ଚାଲନ୍ତୁ ଆମେ ଏକାଠି ମିଶି ଗୋଟିଏ ମାନବ ସଂସାର ଗଢ଼ିବା ।



**ସମୀହା ଆୟୁବ୍**

ସେ ଜଣେ ଇଜିପ୍ଟର ଅଭିନେତ୍ରୀ , ଜନ୍ମ – କାଇରୋ ସହର ନିକଟ ଶୁବ୍ରା ସହରରେ । ୧୯୫୩ରେ ନାଟକରେ ଗ୍ରାଜୁଏଟ ପଢ଼ିଲେ । ପ୍ରାୟ ୧୭୦ ନାଟକର ଅନୁଭୂତି । ଏହା ବ୍ୟତିତ ଟିଭି ଓ ସିନେମାରେ ବି କାମ କରିଛନ୍ତି । ଆଫ୍ରିକାର ଅନେକ ରାଷ୍ଟ୍ରପତିଙ୍କ ପାଖରୁ ସେ ପୁରସ୍କାର ପାଇଛନ୍ତି ।

ଅନୁବାଦକ – ସୁବୋଧ (ନାଟ୍ୟଚେତନା) /୧୯-୦୩-୨୦୨୩